ଡଃ. ଅମରିକ ସିଂ ସନ୍ଧୁଙ୍କ ମାଧ୍ୟମରେ

ଡଃ. ଶିବଦେବ ସିଂ ଗ୍ରେୱାଲ

ବନାମ

ହରଗୁରବଚନ ସିଂ ଗ୍ରେୱାଲ

ଅକ୍ଟୋବର 7,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଆଦେଶ IX, ନିୟମ 13 – ଏକତରଫା ଡିକ୍ରିକୁ ରଦ୍ଦ କରିବା ପାଇଁ ଆବେଦନ – ସୀମାବଦ୍ଧତା – ମାଲିକାନା ଏବଂ ଦଖଲର ଘୋଷଣା ପାଇଁ ମକଦ୍ଦମା – ପ୍ରତିବାଦୀ ମାଲେସିଆରେ ରହୁଥିଲେ – ଡାକରା ଜାରି ହେବାର ଏକ ମାସ ପରେ ମକଦ୍ଦମାରେ ଏକତରଫା ଭାବେ ଅଗ୍ରସର ହେବାକୁ ନିର୍ଦ୍ଦେଶ ଦିଆଯାଇଛି – ଏକତରଫା ଡିକ୍ରି ପାରିତ ହୋଇଥିଲା – ପ୍ରତିବାଦୀ 11 ଦିନର ବିଳମ୍ବ ସହିତ ଏକତରଫା ଡିକ୍ରିକୁ ରଦ୍ଦ କରିବା ପାଇଁ ଆବେଦନ ଦାଖଲ କରିଥିଲେ – ନିମ୍ନ ନ୍ୟାୟାଳୟ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ – ଦର୍ଶାଯାଇଛି,, ବିଚାର କରୁଥିବା ନ୍ୟାୟାଳୟ ପର୍ଯ୍ୟାପ୍ତ ସମୟ ଦେବା ଉଚିତ ଥିଲା ଯାହା ଦ୍ୱାରା ପ୍ରତିବାଦୀଙ୍କୁ ମକଦ୍ଦମା ଲଢ଼ିବା ପାଇଁ ଏକ ସୁଯୋଗ ମିଳିପାରିବ – ଏହି ପରିସ୍ଥିତିରେ ଏହି ସିଦ୍ଧାନ୍ତ ନେବା ବୈଧ ହେବ ଯେ, ତାଙ୍କୁ ସମୟ ମଧ୍ୟରେ ନୋଟିସ୍ ଜାରି କରାଯାଇ ନଥାଇପାରେ – ଅଧିକନ୍ତୁ, ଆବେଦନଟି କ୍ଷମତାପତ୍ର ମାଧ୍ୟମରେ ଦାଖଲ କରାଯାଇଥିଲା – ଆବେଦନର ଖାରଜ ରଦ୍ଦ କରିଦିଆଯାଇଥିଲା – ଏକତରଫା ଡିକ୍ରି ମଧ୍ୟ ରଦ୍ଦ କରାଯାଇଥିଲା – ମାମଲାର ଗୁଣବତ୍ତା ଆଧାରରେ ନ୍ୟାୟ ନିର୍ଣ୍ଣୟ କରାଯିବ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 13242/1996 ।

ସି. ଆର୍. ମାମଲା ସଂଖ୍ୟା 311/1994 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 25.7.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍. କେ. ଜୈନ, ସୁଶ୍ରୀ ଆଭା ଆର୍. ଶର୍ମା ଏବଂ ନୀରଜ ଜୈନ ।

ଉତ୍ତରଦାତାଙ୍କ ପାଇଁ ପି. ପି. ରାଓ, ସଞ୍ଜୟ ବଂଶଲ ଏବଂ ଜି. କେ. ବଂଶଲ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଏହି ଅପିଲ ସି. ଆର୍. ସଂଖ୍ୟା 311/94 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତିଙ୍କ 25 ଜୁଲାଇ, 1994 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଏହା ଦୁର୍ଭାଗ୍ୟଜନକ ଯେ, ଭାଇମାନଙ୍କୁ ସମ୍ପତ୍ତି ସମ୍ବନ୍ଧରେ ଆଇନଗତ ଲଢ଼େଇ କରିବାକୁ ପଡୁଛି । ଏହି ପ୍ରସଙ୍ଗରେ ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ । ଏହା କହିବା ପାଇଁ ଯଥେଷ୍ଟ ଯେ, ଉତ୍ତରଦାତା ମାଲିକ ଭାବରେ ସମ୍ପତ୍ତିର ମାଲିକାନା ଘୋଷଣା କରିବା ପାଇଁ ଏବଂ ଏହାର ଦଖଲ ପାଇଁ ବିଚାର କରୁଥିବା ନ୍ୟାୟାଳୟଙ୍କ ନଥିରେ ଦେୱାନୀ ମକଦ୍ଦମା ସଂଖ୍ୟା 178/85 ଦାଖଲ କରିଥିଲେ । ଉକ୍ତ ମକଦ୍ଦମା 27 ମଇ, 1985 ରେ ଦାଖଲ କରାଯାଇଥିଲା । ଡାକରା ଜାରି ଅନୁଯାୟୀ, ନଭେମ୍ବର 11, 1985 ରେ ମାଲେସିଆରୁ ଏହି ପ୍ରସଙ୍ଗରେ ଡାକ ମାଧ୍ୟମରେ ତାଙ୍କର ଲିଖିତ ତର୍କ ପଠାଇବା ପରେ, ଲୁଧିଆନାର ବିଜ୍ଞ ଉପ ବିଚାରପତି ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ । ଏହା ଜଣାପଡ଼ିଲା ଯେ, ପରବର୍ତ୍ତୀ ସମୟରେ ଉତ୍ତରଦାତା ତାଙ୍କ ମାଲିକାନାର ଘୋଷଣା ପାଇଁ ବର୍ତ୍ତମାନର ମକଦ୍ଦମା ଦାଖଲ କରିଥିଲେ ଏବଂ ସେହି ମକଦ୍ଦମା ଜୁଲାଇ 22, 1986 ରେ ଏକତରଫା ଭାବେ ଫଏସଲା କରାଯାଇଥିଲା । ଅପିଲକାରୀ 24 ଡିସେମ୍ବର, 1986 ରେ ଏକତରଫା ଡିକ୍ରିକୁ ରଦ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହା ଖାରଜ ହୋଇଯାଇଥିଲା । ଅପିଲରେ କରିବାରୁ ଏହା ନିଶ୍ଚିତ ହୋଇଥିଲା ଏବଂ ପୁନରୀକ୍ଷଣରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଏଥିରେ କୌଣସି ବିବାଦ ନାହିଁ ଯେ, ଭଡ଼ାଟିଆ ଡଃ. ଅମରିକ ସିଂ ସନ୍ଧୁ ପୂର୍ବ ପଞ୍ଜାବ ସହରାଞ୍ଚଳ ଭଡ଼ା ପ୍ରତିବନ୍ଧକ ଅଧିନିୟମର ଧାରା 13 ଅନୁଯାୟୀ 22 ଅଗଷ୍ଟ 1986 ରେ ଉତ୍ତରଦାତାଙ୍କ ବିରୋଧରେ ଏକ ଆବେଦନ ଦାଖଲ କରିଥିଲେ ଯେଉଁଥିରେ ସେ ଉଲ୍ଲେଖ କରିଥିଲେ ଯେ, ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ମକଦ୍ଦମା 22 ଜୁଲାଇ, 1986 ରେ ଫଏସଲା ହୋଇଥିଲା । ଏହି ତଥ୍ୟ 13 ନଭେମ୍ବର, 1986 ରେ ଉତ୍ତରଦାତା ଜାଣିବାକୁ ପାଇଥିଲେ ଏବଂ ଉତ୍ତରଦାତାଙ୍କ ଦ୍ୱାରା ପ୍ରାପ୍ତ ଏକତରଫା ଡିକ୍ରିକୁ ରଦ୍ଦ କରିବାକୁ ଅନୁରୋଧ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସ୍ୱୀକାରଯୋଗ୍ୟ, ଆଦେଶ IX, ନିୟମ 13 ସିପିସି ଅଧୀନରେ ଆବେଦନ 24 ଡିସେମ୍ବର, 1986 ରେ କେବଳ 11 ଦିନର ବିଳମ୍ବ ସହିତ ଦାଖଲ କରାଯାଇଥିଲା । ଆବେଦନ ଦାଖଲ କରିବାରେ କ୍ୱଚିତ କୌଣସି ବିଳମ୍ବ ହୋଇଥିଲା । ପ୍ରଶ୍ନଟି ହେଉଛି : ଏକତରଫା ଡିକ୍ରିକୁ ରଦ୍ଦ କରିବାକୁ ଆବେଦନ ଦାଖଲ ନକରିବା ପାଇଁ ଅପିଲକାରୀ ଯଥେଷ୍ଟ କାରଣ ଦର୍ଶାଇଛନ୍ତି କି ?

ସ୍ୱୀକୃତ ସ୍ଥିତି ହେଉଛି ଯେ, ଅପିଲକାରୀ ମାଲେସିଆରେ ରହୁଛନ୍ତି । ଏହି ମକଦ୍ଦମାରେ ମାଲେସିଆକୁ ଡାକରା ପଠାଯିବା ପରେ ଏକ ମାସ ପରେ ତାଙ୍କୁ ଏକତରଫା ସ୍ଥିର କରାଯାଇଥିଲା । ଏତେ କମ୍ ସମୟ ମଧ୍ୟରେ ମାଲେସିଆରେ ଡାକରା ଜାରି ହୋଇଯିବ ବୋଲି ଆଶା କରାଯାଏ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ଆଇନର ବ୍ୟାକରଣକୁ ଅନୁସରଣ କରିଥିଲେ କିନ୍ତୁ ନ୍ୟାୟାଳୟ ପର୍ଯ୍ୟାପ୍ତ ସମୟ ଦେଇଥାନ୍ତେ ଯାହା ଦ୍ୱାରା ଅପିଲକାରୀଙ୍କୁ ମକଦ୍ଦମା ଲଢ଼ିବା ପାଇଁ ସୁଯୋଗ ମିଳିଥାନ୍ତା । ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯାହାକୁ ଅଣଦେଖା କରାଯାଇପାରିବ ନାହିଁ ତାହା ହେଉଛି ସମ୍ପତ୍ତିର ମାଲିକାନା ସମ୍ବନ୍ଧୀୟ ପ୍ରସଙ୍ଗରେ, ପ୍ରତ୍ୟେକ ପକ୍ଷ ସମ୍ପତ୍ତିର ମାଲିକ ବୋଲି ଦାବି କରନ୍ତି । ପୂର୍ବରୁ, ଯେତେବେଳେ ଉତ୍ତରଦାତାଙ୍କ ଦ୍ୱାରା ମାଲିକାନା ଘୋଷଣା ଅନୁରୋଧ କରି ଏକ ପ୍ରୟାସ କରାଯାଇଥିଲା ଏବଂ ଯେତେବେଳେ ତାଙ୍କ ଉପରେ ଡାକରା ଜାରି କରାଯାଇଥିଲା, ତୁରନ୍ତ, ଅପିଲକାରୀ ତାଙ୍କ ଦାବିକୁ ପ୍ରତିଦ୍ୱନ୍ଦ୍ୱିତା କରି ତାଙ୍କର ଲିଖିତ ବିବୃତି ପଠାଇଥିଲେ । ଏକତରଫା ରହିବା ଦ୍ୱାରା ସେ ଲାଭବାନ ହେବେ ନାହିଁ । ଉପରୋକ୍ତରୁ ଏହା ସ୍ପଷ୍ଟ ହେବ ଯେ, ସାଧାରଣତଃ ଯଦି ଜଣେ ନୋଟିସ ପାଇଛନ୍ତି, ତେବେ କେହି ଆଶା କରିପାରିବେ ନାହିଁ ଯେ, ସେ ମକଦ୍ଦମା ଲଢ଼ିବେ ନାହିଁ କିମ୍ବା ଏକତରଫା ରହିବେ ଏବଂ ତାଙ୍କ ବିରୋଧରେ ଏକତରଫା ମାଲିକାନା ଘୋଷଣା କରିବାକୁ ଅନୁମତି ଦେବେ । ଏହି ପରିସ୍ଥିତିରେ, ଏହି ସିଦ୍ଧାନ୍ତରେ ଉପନୀତ ହେବା ବୈଧ ହେବ ଯେ, ସମୟ ମଧ୍ୟରେ ତାଙ୍କୁ ନୋଟିସ୍ ଦିଆଯାଇ ନଥାଇପାରେ । 13 ନଭେମ୍ବର, 1986 ରେ ତାଙ୍କ ବିରୋଧରେ ଉତ୍ତରଦାତା ଦ୍ୱାରା ପ୍ରାପ୍ତ ହୋଇଥିବା ଏକତରଫା ଡିକ୍ରି ବିଷୟରେ ଜାଣିବା ପରେ, ଅପିଲକାରୀ ତାଙ୍କ କ୍ଷମତାପତ୍ର ମାଧ୍ୟମରେ 24 ଡିସେମ୍ବର, 1986 ରେ ଆବେଦନ ଦାଖଲ କରିଥିଲେ । ଜଣେ ଆଶା କରିବ ଯେ, ଯେ ପର୍ଯ୍ୟନ୍ତ କ୍ଷମତାପତ୍ରଧାରୀ ଅପିଲକାରୀଙ୍କୁ ଯୋଗାଯୋଗ କରିନଥିଲେ ଏବଂ ଆବେଦନ ଦାଖଲ କରିବାକୁ ତାଙ୍କ ନିର୍ଦ୍ଦେଶ ପାଇ ନଥିଲେ, ସେ ପର୍ଯ୍ୟନ୍ତ ତାଙ୍କ ପାଇଁ ଏହି ପ୍ରସଙ୍ଗରେ ଆଗକୁ ବଢ଼ିବା ସମ୍ଭବ ହେବ ନାହିଁ । ଏହି ପରିସ୍ଥିତିରେ, ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଅନ୍ୟାୟପୂର୍ଣ୍ଣ ଅଟେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଗଲା । ଆଦେଶ IX, ନିୟମ 13 ସିପିସି ଅନୁଯାୟୀ ଆବେଦନର ଖାରଜ ରଦ୍ଦ କରାଯାଇଛି । ଏକତରଫା ଡିକ୍ରିକୁ ରଦ୍ଦ କରାଯାଇଛି । ଏହି ମାମଲାର ଯୋଗ୍ୟତା ଆଧାରରେ ନ୍ୟାୟ ନିର୍ଣ୍ଣୟ କରିବା ପାଇଁ ପକ୍ଷମାନଙ୍କ ପାଇଁ ଏହା ଉନ୍ମୁକ୍ତ ଅଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ